Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr. T. R. Mohanty
Nodal Officer

**ସପ୍ତାହ –୩୫**

ନ.- ୮୦୩ (ଓଡିଆ ବୁଲେଟିନ)
ତାରିଖ- ୦୨.୦୯.୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ପାଣିପାଗ ସୂଚନା

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱଳ୍ପ ବର୍ଷା ଏବଂ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୦୧ ରୁ ୦୮ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୯ ରୁ ୩୪ ଡିଗ୍ରୀ ସେଲସିଅସ ଓ ୨୪ ରୁ ୨୮ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ ସୂଚନା

- ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱଳ୍ପ ବର୍ଷା ଏବଂ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।
- ଆଗାମୀ ୫ ଦିନ ପର୍ଯ୍ୟନ୍ତ ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୂହିକ ପାଇଁ ସ୍ଥଗିତ ରଖନ୍ତୁ ।
- ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ହେଉଥିବା ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଧାନ ରୁଆ ଡେରି ହୋଇ ଯାଇଥିଲେ ମଧ୍ୟମ କିସମର ୪୫ ଦିନର ତଳି ଏବଂ ବିଳମ୍ବ କିସମର ୬୦-୭୦ ଦିନର ତଳିକୁ ବର୍ତମାନ ରୋଇପାରିବେ ।
- ବୁଣା ଧାନ ୪୫ ଦିନ ରୁ ଅଧିକ ହୋଇ ଯାଇଥିଲେ ବେଉଷଣ କରନ୍ତୁ ନାହିଁ ।
- ଧାନ ତଳି ବେଶୀ ଦିନର ହୋଇଯାଇଥିଲେ , ତଳି ଗୁଡିକୁ ବୁଦା ପ୍ରତି ୫-୭ ହାରରେ ପ୍ରତିରୋପଣ କରନ୍ତୁ । ବେଶୀ ବହଳିଆ ଥିବା ବୁଦା ରୁ ଧାନ ଗଛ ଓପାଡି ଖାଲି ସ୍ଥାନରେ ଲଗାନ୍ତୁ ।
- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ପବନର ବେଗ ୩୦-୪୦ କି.ମି. ପ୍ରତି ଘଣ୍ଟା ରହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରଧ୍ୱନି ଶୁଣିବା ପରେ, ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯିବାକୁ ଓ ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନ ନେବାକୁ ପରାମର୍ଶ ଦିଆଯାଉଅଛି । ସେହି ସମୟରେ ଲୁହା ଉପକରଣ ଯେପରିକି ହଳ, କୋଦାଳ ଏବଂ ଦାଆ ଆଦି ବ୍ୟବହାର କରନ୍ତୁ ନାହିଁ, କାରଣ ଏଗୁଡ଼ିକ ବିଦ୍ୟୁତ୍ ଚାଳନ କରେ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।
- ଓଡ଼ିଶା ଉପକୂଳରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ସମୁଦ୍ରକୁ ପ୍ରବେଶ ନ କରିବାକୁ ମାଛଧରାଳି ମାନଙ୍କୁ ସତର୍କ କରାଯାଉଅଛି ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡା, ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି । ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ Metalaxyl + Mancozeb କିମ୍ବା ୨ ଗ୍ରାମ Carbendazim+ Mancozeb ଓ ୧ ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ପିଲ ଅବସ୍ଥା | ❖ ମହିଷା -<br>ବର୍ଷା ଛାଡ଼ିଗଲା ପରେ ଧାନ ଫସଲରେ ମହିଷା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦- ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦- ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦- ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>❖ କାଣ୍ଡ ବିନ୍ଧା ପୋକ ପରିଚାଳନା-<br>ଶୁଖିଲା ପାଗ ଦେଖି ପ୍ରାରମ୍ଭିକ ଅବସ୍ଥା ରେ ଧାନ ଫସଲ ରେ କାଣ୍ଡ ବିନ୍ଧା ପୋକ ର ପ୍ରଜାପତି ଦେଖାଦେଲେ ଏହାର ପରିଚାଳନା ପାଇଁ ଏକର ପ୍ରତି ୮-କିଲୋଗ୍ରାମ କାରଟାପ ହାଇଡ୍ରୋକ୍ଲୋରାଇଡ ୪ଜି (Cartap hydrochloride 4G) ନାମକ ଦାନାଦାର କୀଟନାଶକ କିମ୍ବା ୪-କିଲୋଗ୍ରାମ କ୍ଲୋରାନଟ୍ରାନିପ୍ରୋଲ (Chlorantraniliprole) ନାମକ ଦାନାଦାର କୀଟନାଶକ କିମ୍ବା ୬-କିଲୋଗ୍ରାମ ଇମିଡ଼ାକ୍ଲୋପ୍ରିଡ (Imidacloprid) ନାମକ ଦାନାଦାର କୀଟନାଶକ, ସମାନ ଓଜନ ର ବାଲିସହ ମିଶାଇ ପ୍ରୟୋଗ କରନ୍ତୁ । |
| ବିରି ଓ ମୁଗ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଜଉ ପୋକ ପରିଚାଳନା<br>ଶୁଖିଲା ପାଗ ଦେଖି ମୁଗ ଏବଂ ବିରି ଫସଲ ରେ ପ୍ରାଥମିକ ଅବସ୍ଥା ରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ ପି.ପି.ଏମ ଆଯାଡିରାକଟିନ (Azadirachtin) କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉ ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ, ୨୦୦ -ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ହରଡ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ପତ୍ର ମୋଡା / ପତ୍ର ଛନ୍ଦା ପୋକ<br>ବର୍ତ୍ତମାନ ସମୟରେ ହରଡ ଫସଲରେ ପତ୍ର ମୋଡା ଓ ପତ୍ର ଛନ୍ଦା ପୋକ ଲାଗିବାର ସମ୍ଭାବନା ଅଛି । ଏହି ପୋକର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୪୦୦ ମିଲି Chlorpyriphos ଓ Cypermethrin ର ମିଳିତ କୀଟନାଶକ ଯାହାକି Premain Super ବା Super 505 ନାମରେ ମିଳୁଛି କିମ୍ବା ୪୦୦ ମିଲି Profenophos ନାମକ କୀଟନାଶକ ଯାହାକି Prahar ବା Profigan ନାମରେ ମିଳୁଛି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ନାଲି ଶଢା ରୋଗ<br>ଶୁଖିଲା ପାଗ ଦେଖି ଆଖୁ ଫସଲରେ ନାଲି ଶଢା ରୋଗର ପରିଚାଳନା ପାଇଁ ଏକର ପ୍ରତି Carbendazim ୧୨%+ Mancozeb ୬୩% WP @ ୪୦୦ଗ୍ରାମ କିମ୍ବା Metalaxyl ୮% + Mancozeb ୬୪% @ ୪୦୦ଗ୍ରାମ, ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ବାଇଗଣ | ତରୁଣ ଅବସ୍ଥାରୁ ଫଳ ଧରିବା ଅବସ୍ଥା | ❖ ଝାଉଁଳା ରୋଗ<br>ବର୍ଷା ପରେ ବାଇଗଣ ଫସଲ ରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଅଛି । ଏହି ପରିଚାଳନା ପାଇଁ ପ୍ରଥମେ ବାଇଗଣ ଫସଲ ରେ ପାଣି ଜମି ନରହିବା ପାଇଁ ନାଳୀର ବ୍ୟବସ୍ଥା କରନ୍ତୁ । ପ୍ରତି ଲିଟର ପାଣି ରେ ୨-ଗ୍ରାମ ପ୍ଲାଣ୍ଟୋମାଇସିନ (Plantomycin) ସହିତ ୧-ମି.ଲି ଟେବୁକୋନାଜୋଲ (Tebuconazole) ନାମକ ଫିମ୍ପିନାଶକ, ମିଶାଇ ଗଛ ମୂଳ ଏବଂ ମାଟି କୁ ଭଲ ଭାବରେ ଭିଜାନ୍ତୁ । |

| | | |
|---|---|---|
| କଖାରୁଜାତୀୟ ପନିପରିବା | ଅଙ୍ଗୀୟ ବୃଦ୍ଧି – ଫୁଲ ଓ ଫଳ ଧରିବା ଅବସ୍ଥା | ❖ ନାଲି କଖାରୁ ପୋକ-<br>ଶୁଖିଲା ପାଗ ଦେଖି ନାଲି କଖାରୁ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦୦ - ଗ୍ରାମ ସ୍ୟାନଟ୍ରାନିଲିପ୍ରୋଲ (Cyantraniliprole) ନାମକ କୀଟନାଶକ କିମ୍ବା ୬୦-ମିଲି ଇମିଡାକ୍ଲୋପ୍ରିଡ (Imidacloprid) ନାମକ କୀଟନାଶକ କିମ୍ବା ୪୦୦ – ମିଲି କ୍ଲୋରୋପାଇରିଫସ (Chlorpyriphos) ନାମକ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡି | ଫଳ ଧରିବା ଅବସ୍ଥା | ❖ ଜଉ ପୋକ , ପତ୍ର ଡିଆଁ ପୋକ , ପତ୍ର ଉକୁଣି ପୋକ ଏବଂ ଧଳା ମାଛି -<br>ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥା ରେ ଏକର ପ୍ରତି ୬୦୦-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>ବର୍ଷା ଛାଡ଼ିଗଲା ପରେ ରାସାୟନକି ଉପାୟରେ ଏହି କୀଟ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ ଥିଆମିଥୋଗଜାମ (Thiamethoxam) କିମ୍ବା ୫୦-ଗ୍ରାମ ଏସିଟାମିପ୍ରିଡ (Acetamiprid) କିମ୍ବା ୪୦୦-ମିଲି ଟୋଲଫେନପାଇରାଡ (Tolfenpyrad) ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଝୁଡୁଙ୍ଗ | ଫଳ ଧରିବା ଅବସ୍ଥା | ❖ ଛୁଇଁ ବିନ୍ଧା ପୋକ-<br>ଶୁଖିଲା ପାଗ ଦେଖି ଝୁଡୁଙ୍ଗ ରେ ଛୁଇଁ ବିନ୍ଧା ପୋକ ର ପରିଚାଳନା ପାଇଁ Emamactin benzoate @ ୮୦-ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଗେଣ୍ଡୁ ଓ ଗୋଲାପ | ତରୁଣ ଅବସ୍ଥାରୁ ଫୁଲ ଧରିବା ଅବସ୍ଥା | ❖ ନାଲି ବୁଢିଆଣୀ ଅଷ୍ଟପଦୀ-<br>ବର୍ଷା ଛାଡ଼ିଗଲା ପରେ ନାଲି ବୁଢିଆଣୀ ଅଷ୍ଟପଦୀ ର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨-ଗ୍ରାମ ସଲଫର (sulphur) ସେଚିତ ଗୁଣ୍ଡ କିମ୍ବା ୨- ମିଲି ପ୍ରୋପାରଜାଇଟ (Propargite) ନାମକ କୀଟନାଶକ କିମ୍ବା ୨-ମିଲି ଫେନପାଇରୋଗଜିମେଟ (Fenpyroximate) ନାମକ କୀଟନାଶକ, ମିଶାଇ ସିଞ୍ଚନ କରନ୍ତୁ । |
| ପଶୁ ସମ୍ପଦ | ❖ ଗୁହାଳ ଗୁଡ଼ିକୁ ସଫା ଏବଂ ଶୁଷ୍କ ରଖନ୍ତୁ । ପଶୁମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ଏବଂ ଜଳ ଯୋଗାନ୍ତୁ । ବାର୍ଷିକ ଟୀକା ସାରଣୀକୁ ଅନୁସରଣ କରି ସେମାନଙ୍କୁ ଉପଯୁକ୍ତ ଟୀକାକରଣ କରାନ୍ତୁ । | |
| ମତ୍ସ୍ୟସମ୍ପଦ: | ❖ ପୋଖରୀରୁ ଅଧିକ ଜଳ ନିଷ୍କାସନ କରନ୍ତୁ । ମାଛ ଯେପରି ବାହାର କୁ ନ ଆସିବେ ତାର ଯତ୍ନ ନିଅନ୍ତୁ । ଶିକାରୀ ଏବଂ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୨.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)